# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୧୦.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ମିହିର କୁମାର ରାଉତ, ଚେୟାରମ୍ୟାନ୍,
୨. ଶ୍ରୀ ଲାଲ୍‌ମୋହନ ଟୁଡୁ,
୩. ମୋନାଲିସା ବେହେରା,
୪. ଶ୍ରୀମତୀ ସୁଚିତ୍ରା ପାତ୍ର,
୫. ଶ୍ରୀ ରଶ୍ମି ରଞ୍ଜନ ପାଟଶାଣୀ,
୬. ଶ୍ରୀ ରାମଚନ୍ଦ୍ର ରଣସିଂହ

ଅଦ୍ୟ ତା ୧୮.୧୦.୨୦୨୨ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ମିହିର କୁମାର ରାଉତ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ସ୍କୁଲ୍ ଗୁଡ଼ିକର ସମସ୍ୟା ସମାଧାନ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ଖୋର୍ଦ୍ଧାଙ୍କୁ କର୍ପୋରେସନ ବୈଠକରେ ଯୋଗ ଦେବାପାଇଁ ଅନୁରୋଧ କରାଯାଇଥିଲେ ମଧ ଉପସ୍ଥିତ ହୋଇପାରିନଥିଲେ, ସ୍କୁଲ ଗୁଡ଼ିକର Infrastructure Development କିପରି କରାଯାଇପାରିବ ସେ ସମ୍ବନ୍ଧରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ଇତି ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ସ୍କୁଲ୍ ଗୁଡ଼ିକର ସୁପରିଚ୍ଚଳନା ନିମନ୍ତେ ଜଣେ ଅତିରିକ୍ତ ଶିକ୍ଷା ଅଧିକାରୀ ଯୋଗଦାନ କରିଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି, ତେଣୁ ତାଙ୍କୁ ଆସନ୍ତା କର୍ପୋରେସନ ବୈଠକରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳର କେଉଁ ୱାର୍ଡ଼ରେ କେତେ ଜଣ କଳାକାର ଭତା ପାଉଛନ୍ତି ତାହାର ତଥ୍ୟ ଜିଲ୍ଲା ସଂସ୍କୃତି ଅଧିକାରୀ (District Cultural Officer) ଖୋର୍ଦ୍ଧାଙ୍କ ଠାରୁ ଆଣି ଆସନ୍ତା ମାସ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥାପନ କରିବା ପାଇଁ District Civil Supply Officer, BMC ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରାସ୍ତା ପାର୍ଶ୍ୱ ଗଛଡ଼ାଳ ରାସ୍ତା ଉପରକୁ ମାଡ଼ି ଆସିଥିବାରୁ ରାସ୍ତାରେ ବିଦ୍ୟୁତ୍ ଆଲୋକ ପଡୁନାହିଁ, ତେଣୁ ଗଛଡ଼ାଳ ଗୁଡ଼ିକ ଶୀଘ୍ର କାଟିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୩୨ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ମିହିର କୁମାର ରାଉତ
ସଭାପତି
ତା ୧୮.୧୦.୨୦୨୨ ରିଖ